# BASUDEV GODABARI DEGREE COLLEGE, KESAIBAHAL

# BLENDED LEARNING STUDY MATERIALS

## UNIT-II

**DEPARTMENT :-** ଓଡ଼ିଆ (ଅନ୍ତର୍ବିଭାଗୀୟ ଇଚ୍ଛାଧୀନ ପାଠ)

**SUBJECT :-** ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ କାହାଣୀ

**SEMESTER :-** ତୃତୀୟ (ତୃତୀୟ ପତ୍ର)

# ବଳରାମ ଦାସ

## ବଳରାମ ଦାସଙ୍କ ଜନ୍ମ, ଜୀବନୀ ଓ ସୃଷ୍ଟି ପରିଚୟ :

### ଜୀବନୀ ପର୍ବ:

ଓଡ଼ିଆର ଷୋଡ଼ଶ ଶତାବ୍ଦୀରେ ଆବିର୍ଭୂତ ହୋଇଥିବା ପଂଚସଖାଙ୍କ ମଧ୍ୟରେ ବଳରାମ ଦାସ ଥିଲେ ବୟୋଜ୍ୟେଷ୍ଠ ଭକ୍ତ । କେବଳ ବୟୋଜ୍ୟେଷ୍ଠ ଯୋଗୁଁ ନୁହନ୍ତି ଧର୍ମୀୟ ତଥା ସାରସ୍ୱତ ସାଧନାରେ ମଧ୍ୟ ସେ ଥିଲେ ପଂଚସଖାଙ୍କ ମଧ୍ୟରେ ଜ୍ୟେଷ୍ଠତମ ଭକ୍ତ । ଏହିଭଳି ଜଣେ ଯୋଗଜନ୍ମା ସାଧକଙ୍କ ଜୀବନୀ ସମ୍ବନ୍ଧରେ ଉପାଦାନ ଅତ୍ୟନ୍ତ ଅଳ୍ପ । ତେବେ ତାଙ୍କ ରଚନାବଳୀର ବିକ୍ଷିପ୍ତ ଓ ବିପର୍ଯ୍ୟସ୍ତ ବିବରଣୀଗୁଡ଼ିକରୁ ଜଣାଯାଏ- ତାଙ୍କ ପିତା ଥିଲେ ସୋମନାଥ ମହାପାତ୍ର । ସେ ଗଜପତି ପ୍ରତାପରୁଦ୍ରଦେବଙ୍କର ମନ୍ତ୍ରୀ ଥିଲେ । ଏହି ପ୍ରସଂଗ କବି 'ଜଗମୋହନ ରାମାୟଣ'ର ଉତ୍ତରା ଓ ଲଂକା କାଣ୍ଡ ଓ ଛତିଶ ଗୁପ୍ତଗୀତା'ରେ ଉଲ୍ଲେଖ କରିଛନ୍ତି- ଏହିପରି-

(କ) ''ମହାପାତ୍ର ସୋମନାଥ ଦାସର ତନୟ
ବଳରାମ ଦାସ ଗୀତ ଯେ ଅମୃତମୟ ।''(ଉତ୍ତରାକାଣ୍ଡ)

(ଖ) ''ମହାମନ୍ତ୍ରୀବର ସୋମନାଥ ମହାପାତ୍ର
ବଳରାମ ଦାସ ମୁଁ ଯେ ତାଙ୍କର ପୁତ୍ର ।''(ଲଙ୍କା କାଣ୍ଡ)

(ଗ) ''ପ୍ରତାପରୁଦ୍ର ନାମେ ହେବ ରାୟ
କହଇ ତୋତେ ସେ କଳି ସମୟ ।
ସୋମନାଥ ନାମେ ପାତ୍ର ତାହାର
ଅନିରୁଦ୍ଧ ହେବ ତାହାର ଘର ।
ଯମୁନା ନାମେ ଭାରିଯା ତାହାର
ଅନିରୁଦ୍ଧ ହେବ ତା'ର କୁମର ।'' (ଛତିଶ ଗୁପ୍ତଗୀତା ୩୫ ଶ ଅଧ୍ୟ)

ଏଥିରୁ ପ୍ରମାଣିତ ହୁଏ ଯେ, ତାଙ୍କ ମାତା ଥିଲେ ଯମୁନା ଦେବୀ । ଆଉ ଅନିରୁଦ୍ଧ' ହେଉଛନ୍ତି ବଳରାମଙ୍କ ନାମାନ୍ତର । ଜଣେ ପରବର୍ତ୍ତୀକାଳୀନ ବୈଷ୍ଣବ କବି ଦ୍ୱାରକାଦାସ ଓ ନନ୍ଦ ଦାସ ତାଙ୍କୁ ଅନିରୁଦ୍ଧ ଅବତାର ରୂପେ ବର୍ଣ୍ଣନା କରିଛନ୍ତି ।

ପଂଚସଖାଙ୍କ ମଧ୍ୟରେ ବଳରାମ ଦାସ ଅନ୍ୟାନ୍ୟ ବୈଷ୍ଣବମାନଙ୍କ ପରି ଜଣେ ମହାତ୍ମା ଥିଲେ । ତାଙ୍କର ଦିବ୍ୟ ଭକ୍ତି ଓ ନିଷ୍ଠା ଫଳରେ ସେ ପ୍ରତାପରୁଦ୍ରଦେବଙ୍କ ଦ୍ୱାରା ଗୁରୁରୂପେ ସମ୍ମାନିତ ହୋଇଥିଲେ । ଚୈତନ୍ୟ ଦେବଙ୍କ ଆଦେଶରେ ସେ ଜଗନ୍ନାଥ ଦାସଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରିଥିଲେ । ଷୋଡ଼ଶ ଶତାବ୍ଦୀର ଭକ୍ତକବି ଦିବାକର ଦାସଙ୍କ ସ୍ୱରଚିତ "ଜଗନ୍ନାଥ ଚରିତାମୃତ'ରେ ଏହି ପ୍ରସଂଗର ଅବତାରଣା ସହିତ ବଳରାମ ଦାସଙ୍କୁ 'ମତ୍ତ ବଳରାମ ଦାସ' ବୋଲି ଚୈତନ୍ୟ ଦେବଙ୍କ ସମ୍ବୋଧନ କରିଥିବାର ପ୍ରମାଣ ମିଳିଥାଏ । ସର୍ବଦା ନାମକୀର୍ତ୍ତନରେ ମତ୍ତଥିବାରୁ ସର୍ବତ୍ରରେ 'ମତ୍ତ ବଳରାମ' ନାମରେ ମଧ୍ୟ ପରିଚିତ ଥିବାର ଜଣାଯାଏ ।

ବଳରାମ ଦାସ ମନ୍ତ୍ରୀପୁତ୍ର ଅର୍ଥାତ୍ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ସେ ଉଚ୍ଚଶିକ୍ଷା ଲାଭ କରିଥିବା ଅନୁମାନ କରିହୁଏ । ସମକାଳୀନ ସମାଜରେ ଶିକ୍ଷାପ୍ରାପ୍ତ ଲୋକେ ବେଦ, ବେଦାନ୍ତ, ଗୀତା, ଭାଗବତ ଇତ୍ୟାଦି ପ୍ରତ୍ୟହ ପାଠ କରୁଥିବାର ଜଣାଯାଏ । ଏହିପରିପ୍ରେକ୍ଷୀରେ ବଳରାମ ଦାସ ଉକ୍ତ ଶାସ୍ତ୍ରଗୁଡ଼ିକୁ ମଧ୍ୟ ଅଧ୍ୟୟନ କରିଥିବାର ପ୍ରମାଣ ତାଙ୍କ ରଚନାବଳୀକୁ ପଠନ କଲେ ସ୍ପଷ୍ଟରୂପେ ଜାଣିହୁଏ । ସେ ଜାତିରେ ଶୂଦ୍ର (ବ୍ରାହ୍ମଣେତର ଜାତି) ଥିବାରୁ ସ୍ୱରଚିତ ଜଗମୋହନ ରାମାୟଣରେ ନିଜକୁ 'ଶୂଦ୍ରମୁନି' ରୂପେ ଆଖ୍ୟାତ କରିଛନ୍ତି । କବିଙ୍କ ରଚିତ, 'ଭଗବତ ଗୀତା' ଗ୍ରନ୍ଥର ଶେଷଭାଗରେ ଥିବା 'ଗୀତା ଅବକାଶ' ଅଧ୍ୟାୟରୁ ଜଣାଯାଏ, ଏକଦା ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ବେଦାନ୍ତ ଚର୍ଚ୍ଚା ସମୟରେ କବି ବ୍ରାହ୍ମଣବେଶରେ ଉପସ୍ଥିତ ଥିବାର ଜାଣିପାରି ପଣ୍ଡିତଗଣ ତାଙ୍କୁ ଭର୍ତ୍ସନା କରି କହିଛନ୍ତି-

''ଭଗବାନ ଯାହା ପୂର୍ବ ଆଦିତ୍ୟଙ୍କୁ କହି
ସେ ଗୀତା ଶୁଣିଲୁ ତୁ ଶୁଦ୍ରମୁନି ହୋଇ ।'' (ପୃ:୯୦)

ଏଥିରୁ ଅନୁମାନ କରିହୁଏ, କବି ଜାତିରେ 'ଶୁଦ୍ରଥିବାରୁ ଏବଂ କେତେକ ଶାସ୍ତ୍ର ରଚନା କରିଥିବାରୁ ତାଙ୍କୁ 'ଶୁଦ୍ରମୁନି' କୁହାଯାଉଥିଲା । ଅର୍ଥାତ୍ ଶୁଦ୍ରଗ୍ରନ୍ଥାକାର ଭାବେ ସେ ତତ୍କାଳୀନ ମୁକ୍ତିମଣ୍ଡପର ବ୍ରାହ୍ମଣ ମଣ୍ଡଳୀ ଦ୍ୱାରା ଧର୍ଷିତ ହୋଇଥିଲେ ।

ବଳରାମ ଦାସ ଗୃହୀ ବୈଷ୍ଣବ ଥିଲେ । ସେ ବିବାହ କରିଥିଲେ ଏବଂ ତାଙ୍କର ପୁତ୍ରକନ୍ୟା ମଧ୍ୟ ଥିଲେ । ପତ୍ନୀ ମୃତ୍ୟୁ ପରେ ସେ ପୁରୀର ବାଙ୍କି ମୁହାଣ ନିକଟରେ ଥିବା 'ଗନ୍ଧର୍ବ ମଠ'ରେ ସାଧନାରେ ରତ ଥିଲେ । କବି ବଳରାମ ଦାସ ଶ୍ରୀଚୈତନ୍ୟଙ୍କ ଦ୍ୱାରା ପ୍ରଭାବିତ ହୋଇ ବୈଷ୍ଣବ ଧର୍ମ ଗହଣ କରିଥିଲେ ହେଁ ତାଙ୍କ ଦ୍ୱାରା ପ୍ରଚାରିତ ପ୍ରେମଭକ୍ତି ମାର୍ଗ ଭଜନରୂପେ ଗ୍ରହଣ କରି ନଥିଲେ । ତାଙ୍କ ଦ୍ୱାରା ରଚିତ 'ବ୍ରହ୍ମାଣ୍ଡ ଭୂଗୋଳ' ତତ୍ତ୍ୱଦର୍ଶନରୁ ଏହା ସ୍ପଷ୍ଟରୂପେ ଜଣାପଡ଼େ । ବିଶେଷକରି କବି ଶ୍ରୀ ଚୈତନ୍ୟଙ୍କ ପ୍ରଚାରିତ 'ପ୍ରେମଭକ୍ତି' ତତ୍ତ୍ୱରାଜିକୁ ତାଙ୍କର କୌଣସି ଗ୍ରନ୍ଥରେ ସୂଚିତ କରି ନଥିବାରୁ ସେ ଚୈତନ୍ୟଙ୍କ ଧର୍ମଭାବନା ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇନଥିବାର ପ୍ରମାଣ ମିଳିଥାଏ । ଯଥାର୍ଥରେ ସେ ଥିଲେ ଜଣେ ଜ୍ଞାନମିଶ୍ର ଭକ୍ତ ବା ଯୋଗମାର୍ଗୀ ସାଧକ ।

**ସୃଜନୀ ପର୍ବ :**

କବି ବଳରାମ ଦାସଙ୍କ ରଚନାର ପରିମାଣ ସୁବିପୁଳ । ତାଙ୍କର ପ୍ରକାଶ ପାଇଥିବା ଗ୍ରନ୍ଥ ଅପେକ୍ଷା ଅପ୍ରକାଶିତ ଗ୍ରନ୍ଥଗୁଡ଼ିକର ସଂଖ୍ୟା ବେଶି । ଏପରିକି ତାଙ୍କର କେତେକ ରଚନା ଏବେ ବି ଲୋକଲୋଚନର ଅନ୍ତରାଳରେ ରହିଯାଇଛି । ଏପରିକି ତାଙ୍କ ନାମ ନେଇ ଅନେକ ଅଜ୍ଞାତ ନାମଧାରୀ ବ୍ୟକ୍ତି ମଧ୍ୟ ଅନେକ ଗ୍ରନ୍ଥ ରଚନା କରିଛନ୍ତି । ତେଣୁ ବଳରାମ ଦାସଙ୍କ ଗ୍ରନ୍ଥସମୂହର ଏକ ନିର୍ଭୁଲ ତଥ୍ୟଭିତ୍ତିକ ତାଲିକା ପ୍ରଦାନ କରିବା ଆଦୌ ସମ୍ଭବ ନୁହେଁ । ତେବେ ଆଲୋଚକମାନଙ୍କ ଦ୍ୱାରା ଆଲୋଚିତ ହୋଇଥିବା କେତେକ ରଚନାବଳୀର ସୂଚୀ ନିମ୍ନରେ ପ୍ରଦାନ କରାଗଲା-

**ବଳରାମ ଦାସଙ୍କ ରଚନାବଳୀ :**

| | | |
|---|---|---|
| ଜଗମୋହନ ରାମାୟଣ | ଶରୀର ଭୂଗୋଳ | ନୀଳସୁନ୍ଦର ଗୀତା |
| ଭଗବତ ଗୀତା | ତୁଳାଭିଣା | କାନ୍ତ କୋଇଲି |
| ଅମର କୋଷଗୀତା | ଭାବ ସମୁଦ୍ର | |
| ବ୍ରହ୍ମଗୀତା(ଗୁପ୍ତଗୀତା) | ଭକ୍ତିରସାମୃତସିନ୍ଧୁ | |
| ବ୍ରହ୍ମାଣ୍ଡ ଭୂଗୋଳ | ସଭା ବିନୋଦ | |
| ବେଢା ପରିକ୍ରମା | ଜ୍ଞାନ ଚୂଡ଼ାମଣି | |
| ବିରାଟ ଗୀତା | ଭୂତ କେଳି | |
| ରାମ ବିଭା | ବଟ ଅବକାଶ | |
| ଲକ୍ଷ୍ମୀ ପୁରାଣ | ଚଣ୍ଡୀପୁରାଣ | |
| ଅର୍ଜୁନ ଗୀତା | ରସକେଳି | |
| ଛତିଶ ଗୀତା | ବେଦାନ୍ତସାର ଗୁପ୍ତଗୀତା | |
| ଗରୁଡ଼ ଗୀତା | ସପ୍ତାଙ୍ଗ ଯୋଗସାରଟୀକା | |
| ନାମରତ୍ନ ଗୀତା | ଜ୍ଞାନ ଭଉଁରମଣି ଗୀତା | |
| ଗୀତା ସାର | ମୃଗୁଣୀ ସ୍ତୁତି | |
| | କଳି ଭାରତ | |

ଏସବୁ ବ୍ୟତୀତ ବଳରାମ ଦାସଙ୍କ ନାମରେ କେତେକ ଭଜନ, ଜଣାଣ, ଚଉତିଶା ଆଦି ରହିଛି । ତାଙ୍କ [illegible] ସାରୀଭାବ ଭଜନ, କମଳଲୋଚନ ଚଉତିଶା, ଶ୍ରୀପଞ୍ଚମୀ ଗୀତ ଆଜି ବି ଆମ ସମାଜରେ ବେଶ ପରିଚିତ । ପ୍ରବନ୍ଧ [illegible]

ଦେଖାଇବା ପାଇଁ ଏହା ହେଉଛି ଉପଯୁକ୍ତ କ୍ଷେତ୍ର । ସେଥିପାଇଁ କବି ଅତି ସତର୍କତାର ସହିତ ପ୍ରସଂଗର ବର୍ଣ୍ଣନା କରିଛନ୍ତି। ନିମ୍ନରେ କବିଙ୍କ ବର୍ଣ୍ଣନାରୁ କେତୋଟି ପଦ ଉଦ୍ଧାର କରାଯାଉଛି–

ମଞ୍ଜୁଷା ଭିତରେ ଯେ ଶ୍ରୀରାମଚନ୍ଦ୍ର ପଶି । ବାମଭୁଜେ ଧନୁ ଧଇଲେ ଆକ୍ରୋଶି ॥
ବାହାରକରି ଧନୁ ଘେନି ଅଇଲେ ରଘୁନାଥ । ଦେଖନ୍ତି ସର୍ବଜନେ କୋଦଣ୍ଡ ଅଛି ହସ୍ତ ॥
ଆନନ୍ଦେ ଉଛଟ ହୁଅନ୍ତି ସର୍ବନାରୀ । ଧଇଲାରେ ଧନୁ ସମସ୍ତେ ଗୋଳକରି ॥
ଦେଖି ବିଶ୍ୱାମିତ୍ର ପୁଲକଇ ଶରୀର । ସାଧୁ ସାଧୁ ଶବଦ ଶୁଭଇ ତିନିପୁର ॥

x x x

ପୃଥିବୀର ଅନୁରୋଧରେ ଶ୍ରୀରାମ ଧନୁକୁ ପୃଥିବୀ ପୃଷ୍ଠରେ ନରଖି ବୃଦ୍ଧାଙ୍ଗୁଷ୍ଠର ନଖ ଉପରେ ରଖିଛନ୍ତି।

ବୃଦ୍ଧାଙ୍ଗୁଷ୍ଠିର ନଖର ଉପରେ । ତହିଁ ଧନୁହୁଳ ବସାଇଲେ ରଘୁବୀରେ ॥
ଶରାସନ ମଉଳି ବାମକରେ ଧରି । ଗୁଣ ଦେବାକଇ ଯେ ଆଣନ୍ତି ଓଟାରି ॥
ମଡ଼ମଡ଼ ହୋଇ ଯେ ଶୁଭିଲା ଶବଦ । ଥରଥର ହୋଇ ଯେ କମ୍ପଇ ନବଖଣ୍ଡ ॥
ଗୁଣ ପାସି ରାମ ଦକ୍ଷିଣ କରେ ଧରି । ଧନୁହୁଳ ଉପରେ ନେଇକରି ଭରି ॥
ଯହୁଁ ସେ ସାୟେକ ଯେ ଓରାଇ ଦେଲେ ଗୁଣ । ଶିର ଲମ୍ବାଇଲେ ସକଳ ରାଜାଗଣ ॥

x x x

ବାର ବରଷର ତନୟେ ଯେହାକାରେ । ସବୁରି ମୁଖରେ ଯେ କାଳି ଲଗାଇଲେ ॥
ଗୁଣ ଦେଇ ଯହୁଁ ଯେ ଧଇଲେ ସଜକରି । ସଭାଜନମାନ ଆନନ୍ଦ ସବୁକରି ॥
ଧନୁଧରି ରାମ ପୁଣ ଟଙ୍କାରନ୍ତି । ଦେଖି ଜନକଙ୍କର ଫିଟିଲା ମନଭ୍ରାନ୍ତି ॥

x x x

ଯେଥିଶୁ ଶ୍ରୀରାମ ଯେ ଶାୟେକ କଲେ ଧରି । ଦକ୍ଷିଣ କରେ ଧନୁ ଆଣିଲେ ଉଚ୍ଛୁଡ଼ି ॥

ଧନୁ ଶ୍ରୀରାମଙ୍କର ସମ୍ପୂର୍ଣ୍ଣ ଆୟତ୍ତ ହୋଇଯିବା ପରେ ନିଜର ପୁରୁଷାର୍ଥ ରକ୍ଷା କରିବା ପାଇଁ ଶ୍ରୀରାମଙ୍କୁ ନିବେଦନ କରିଛି । ଅନ୍ୟ ସମୟ ହୋଇଥିଲେ ହୁଏତ ଶ୍ରୀରାମ କାକୁସ୍ତ ବଚନ ଶୁଣି ଦୟା ପ୍ରକାଶ କରିଥାନ୍ତେ; କିନ୍ତୁ ବର୍ତ୍ତମାନ ପରୀକ୍ଷାର ବେଳ। ଧନୁକୁ ଆକର୍ଷଣ ନକଲେ ରାଜାମାନଙ୍କ ପାଖରେ ନିନ୍ଦିତ ହେବେ। ଦକ୍ଷ ଯଜ୍ଞରେ ଦେବତା ଦଳନ ସମୟରେ ଧନୁର ଯେଉଁ ପୌରୁଷ ପ୍ରକାଶ ପାଇଥିଲା ଆଜି ତାହା ଅତୀତ ହୋଇଯାଇଛି। ଦେହଦେଇ ପରକାର୍ଯ୍ୟ କରିବାକୁ ଶ୍ରୀରାମ ତାକୁ ଅନୁରୋଧ କରିଛନ୍ତି।

"ଯେସନେ ବଚନେ ଡବଦ ଶରାସନ । ଗୁଣଧରି ରାମ ଉଚ୍ଛୁଛନ୍ତି ଗୁଣ ॥
ଦକ୍ଷିଣ କର୍ଣ୍ଣଯାଏ ଓଟାରିଣ ଆଣି । ଲାଠି ପରାୟେକ ହୋଇଲା ଯେ ପୁଣି ॥

ଧନୁଭଗ୍ନ କାଳରେ ଶ୍ରୀରାମଙ୍କ ବିକ୍ରମରୂପ ସୀତାଙ୍କୁ ମୋହିତ କରିଛି । ଧନୁଗୁଣ ଆମଞ୍ଚନ କରିବା ସଂଗେ ସଂଗେ ସେ ସୀତାଙ୍କର ମନକୁ ଆକର୍ଷଣ କରିନେଇଛନ୍ତି। ଧନୁର୍ଭଗ୍ନର ଶେଷ ପର୍ଯ୍ୟାୟର ବର୍ଣ୍ଣନା କରି କବି କହୁଛନ୍ତି –

"ପୁଣ ପୁଣ ଧନୁ ଆଣନ୍ତି ଉଚ୍ଛୁଡ଼ି । ମଡ଼ ମଡ଼ ରାମଙ୍କୁ ଶୁଭିଲା ଚାପଧରି ॥
ଆଡ ଜାଡ କରି ଉଚ୍ଛୁଡ଼ିଲେ ଯହୁଁ । ନିସତ ଚିର ଧନୁ ହୋଇଲାକ ତହୁଁ ॥
ଅତି ହିଁ ଆମଞ୍ଚନେ ନିର୍ବଳ ଶରାସନ । ମଡ଼ ମଡ଼ ଶବଦ ଯେ ଶୁଭିଲା ଘନ ଘନ ॥
ମଧ୍ୟରୁ ଭାଜିଲା ଯେ ବେନି ଖଣ୍ଡ ହୋଇ । ପୃଥ୍ୱି କମ୍ପିଲା ଯେ ଉଲ୍କାପତ ହୋଇ ॥

ଧନୁର୍ଭଗ୍ନ ପ୍ରସଂଗର ତୁଳନାତ୍ମକ ଅଧ୍ୟୟନ କଲେ ବଳରାମଙ୍କୁ ଚିହ୍ନିବାରେ ସୁବିଧା ହୁଏ। ବାଲ୍ମୀକି ରାମାୟଣରେ ଧନୁର୍ଭଗ୍ନରେ ତିନୋଟି ଅବସ୍ଥା ବର୍ଣ୍ଣିତ- ଧନୁର୍ଭୋଳନ, ଗୁଣ ଆରୋପଣ ଓ ଧନୁର୍ଭଗ୍ନ। ବଳରାମ ଧନୁରୁତ୍ତୋଳନ ପରେ ବୃଦ୍ଧାଙ୍ଗୁଷ୍ଠର ନଖ ଉପରେ ଧନୁ ସ୍ଥାପନ କରି ଆଉଗୋଟିଏ ପର୍ଯ୍ୟାୟର ସୃଷ୍ଟି କରିଅଛନ୍ତି। ବାଲ୍ମୀକି ରାମାୟଣରେ ଏସବୁ ଘଟଣା ଏକାଦିକ୍ରମେ ଘଟିଯାଇଛି। ବଳରାମ ଏସବୁ ଅବସ୍ଥା ମଧ୍ୟରେ ପାଠକମାନଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିବା ପାଇଁ ଧନୁର୍ଭଗ୍ନ କାଳରେ ହେଉଥିବା ବିଭିନ୍ନ ପ୍ରତିକ୍ରିୟାର ଚିତ୍ରଣ କରିଛନ୍ତି। ଏସବୁ ତତ୍ତ୍ୱ ବାଲ୍ମୀକି ରାମାୟଣରେ ନାହିଁ।

. ଶାସ୍ତ୍ରାଧ୍ୟୟନ ହେଉ କିମ୍ବା ମନ୍ତ୍ରତନ୍ତ୍ର ସାଧନ ହେଉ-ସବୁଠାରେ ଗୁରୁଙ୍କର ସାହାଯ୍ୟ ଏକାନ୍ତ ଅପରିହାର୍ଯ୍ୟ । ଗୁରୁଙ୍କ ବିନା ଶାସ୍ତ୍ରର ପୂର୍ଣ୍ଣ ଆଲୋଚନା କରିବା ଆଦୌ ସମ୍ଭବ ନୁହେଁ । ପ୍ରାଚୀନ କାଳରେ ଶିଷ୍ୟଗଣ କିପରି ଉପଯୁକ୍ତ ଗୁରୁଙ୍କର ଅନୁସନ୍ଧାନରେ ବ୍ରତୀ ହେଉଥିଲେ ଓ ଏଥି ନିମନ୍ତେ ଜୀବନରେ ବହୁ ସମୟ ବିତାଉଥିଲେ ସେ ସମ୍ପର୍କରେ ତନ୍ତ୍ର ଆଲୋଚକ ପଣ୍ଡିତ ନୀଳମଣି ମିଶ୍ର କହିଛନ୍ତି– "ଶାନ୍ତି ମନ୍ତ୍ରର ପ୍ରବର୍ତ୍ତକ ଯୁଗାବତାର ବୁଦ୍ଧଦେବ ଉପଯୁକ୍ତ ଗୁରୁଙ୍କ ଅନ୍ୱେଷଣରେ ଅନେକ ସ୍ଥାନ ପରିଭ୍ରମଣ କରିଥିଲେ । ଶ୍ରୀ ରାମକୃଷ୍ଣ ଦେବଙ୍କ ପରି ଜଣେ ସିଦ୍ଧସାଧକଙ୍କୁ ଗୁରୁ ରୂପେ ପାଇ ସ୍ୱାମୀ ବିବେକାନନ୍ଦ ଅତି ମାନବୀୟ ଗୁଣସମ୍ପନ୍ନ ହୋଇପାରିଥିଲେ ଏବଂ ଗୁରୁଙ୍କ ଆଶୀର୍ବାଦରୁ ସେ ହିନ୍ଦୁଧର୍ମର ଜଣେ ପ୍ରଖ୍ୟାତ ସଂସ୍କାରକ ରୂପେ ବିଶ୍ୱବାସୀଙ୍କର ଅତି ଆଦରର ପାତ୍ର ହୋଇପାରିଥିଲେ । ଏ ଯୁଗରେ ଦୟାନନ୍ଦ ସରସ୍ୱତୀ ଅହିଂସାର ଚିର ଉପାସକ । ସତ୍ୟର ପୂଜକ ଓ କର୍ମଠତାର ପ୍ରତୀକ ଗାନ୍ଧୀଜୀଙ୍କ ପରି ଗୁରୁଙ୍କ ଆଶୀର୍ବାଦରୁ ସର୍ବତଃ ପଣ୍ଡିତ ଜବାହରଲାଲ ନେହେରୁ ପୃଥିବୀର ରାଜନୀତି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ" ।

'ଗୁରୁ' ହିଁ ସର୍ବକାରଣର କାରଣ, ଭବ-ସାଗର-ତାରଣ ନିମନ୍ତେ ସେ ମାର୍ଗ ପ୍ରଦର୍ଶକ । ଭକ୍ତଗଣ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପରି ପୂଜାର୍ଚ୍ଚନା କରିଥାନ୍ତି । ଉତ୍କଳୀୟ ଭକ୍ତ ଯଦୁ ଅବଧୂତ ସଂବାଦରେ ଚବିଶ ଗୁରୁ ପ୍ରସଙ୍ଗଟି ଭକ୍ତକବି ଜଗନ୍ନାଥ ଦାସ ତାଙ୍କର ଓଡ଼ିଆ ଭାଗବତରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । ସେହି ବର୍ଣ୍ଣନାରୁ କେତେକ ମୁଖ୍ୟାଂଶ ଯାହାକୁ ବହୁଲୋକ ମନେରଖି ବ୍ୟବହାର କରିଥାନ୍ତି । ଏଠାରେ ତାହା ଉଦ୍ଧାର କରାଯାଇ ପାରେ ।

୧. ପୃଥିବୀ

କର୍ମ ଆଦରି ସହେ ଦୁଃଖେ । କେବେହେଁ ନହୋଇ ବିମୁଖ ॥
ଦୃଢ଼େ ନ ଛାଡ଼ି ନିଜ ପଥ । ଚଂଚଳ ନ କରିବ ଚିତ୍ତ ॥
ଅନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପର ହିତେ ॥

୨. ବାୟୁ

କାହାର ସଙ୍ଗେ ସଙ୍ଗ ନୁହେଁ । ସମେ ବସଇ ସର୍ବଦେହେ ॥
ଏଣୁ ପବନ ପ୍ରାୟ ହୋଇ । ସଙ୍ଗତେ ଥାଇ ନମିଶଇ ॥

୩. ଆକାଶ

ମେଘ ଯେ ଶୂନ୍ୟେ ଜନ୍ମ ହୋଇ । ଶରୀରେ ଆକାଶ ଢ଼ାଙ୍କଇ ॥
ତେସନ ଆତ୍ମା ଦେହ ତୁଲେ । କଦାଚ ନମିଶଇ ଭୁଲେ ॥
ଆନନ୍ଦେ ଭ୍ରମି ସଂସାରେ । ସ୍ମରଣ ନ କରେ କାହାରେ ॥

୪. ଜଳ

ସ୍ନାହାନ, ଦର୍ଶନ, କୀର୍ତ୍ତନେ । ପବିତ୍ର ହୋନ୍ତି ପ୍ରାଣୀମାନେ ॥
ତୀର୍ଥର ପ୍ରାୟେ ଉବବଶେ । ଭ୍ରମଇ ଜନ ପରିତ୍ରାଣେ ॥

୫. ଅଗ୍ନି

କେବଳ ପାତ୍ର ମୋ ଉଦର । ଏଣୁ ମୁଁ ଲୋକେ ଭୟଙ୍କର ॥
କେବଳ ଧ୍ୟାନ ଯୋଗବଳେ । ସେ ଜନ କରେ ସର୍ବ ଘରେ ॥
ଅଗ୍ନି ଯେସନ ସର୍ବ ଖାଇ । ବିଚାରେ ଗୁଣ ଦୋଷ ନାହିଁ ॥

୬. ଚନ୍ଦ୍ରମା

ଚନ୍ଦ୍ରର କ୍ଷୟ ବୃଦ୍ଧି ଯେହ୍ନେ । କୃଷ୍ଣ ଶୁକଳ ପକ୍ଷ ମାନେ ॥
ଲୋକ ଲୋଚନେ ଭ୍ରାନ୍ତି ଦିଶେ । ଅକ୍ଷୟ ଏକ କଳା ଶେଷେ ॥

# ପିଙ୍ଗଳା

ପୂର୍ବେ ବିଦେହ ନଗରେ । ପିଙ୍ଗଳା ବେଶ୍ୟା ଥାଇ ଘରେ ॥
ତାହାର ଧର୍ମ ମୁଁ ଆଚରି । ବୁଲଇ ସୁତ୍ରୁ ଶିକ୍ଷା କରି ॥
ଧନୀ ପୁରୁଷ ସୁତମେଳେ । ସଂକେତ କଲା କାମଭୋଳେ ॥
ସଲ୍ଲେଳେ ବସି ତା'ର ପାଶ । ବୋଲଇ ମୋର ଘରେ ଆସ ॥
ଧନେ ବ୍ୟାକୁଳ ତା'ର ଚିତ୍ତେ । ଏମନ୍ତେ ରବି ହେଲା ଅସ୍ତ ॥
ଅତି ସୁନ୍ଦର ତନୁ ବେଶେ । ଦ୍ୱାରେ ରହିଲା ତା'ର ଆସେ ॥
ପଥେ ଯେ ଆତଯାତ ଜନେ । ତାହାଙ୍କୁ ନିରେଖି ଲୋଚନେ ॥
ପୁଣି ଶୁଣଇ ବାକ୍ୟ ଯେଣେ । ଧନୀ ଆସିଲା ପ୍ରାୟ ମଣେ ॥
ଏମନ୍ତେ ଧନର ଉଚ୍ଚାଟେ । ରାତ୍ରିତ ବୁଲଇ ଛଟପଟେ ॥
ପୁଣି ଭାଳଇ ଦୁଃଖମନେ । ଧନୀ ବା ନଇଲା କେସନେ ॥
ସଂକେତ କଲା ମୋର ସଙ୍ଗେ । ଧନୀ ସୁରତି ରତି ରଙ୍ଗେ ॥
ଏବେ ସେ ନଇଲା କମାଇ । କିବା କାରଣ ତା'ର ହୋଇ ॥
ରଜନୀ ଅର୍ଦ୍ଧେ ଭାଗ ଗଲା । ଧନୀକି ନ ଦେଖି ପିଙ୍ଗଳା ॥
ଦେଖି ତାହାର ପୂର୍ବ ଭାଗ୍ୟ । ଚିତ୍ତରେ ଉପୁଜେ ବୈରାଗ୍ୟ ॥
ନିଃଶ୍ୱାସ ଛାଡ଼ି ଉଚ୍ଛସରେ । ଦୁଃଖେ ଖସିଲା ନିଜ ଘରେ ॥
କେତେହେଁ ନୁହେଁ ମନସ୍ଥିର । ଅନ୍ତରେ କରଇ ବିଚାର ॥
ଦେଖି ମୋହର ମୋହଜାଲ । ଅଜ୍ଞାନେ ଗଲା ଏତେ କାଳ ॥
ଅସାଧୁ ପୁରୁଷଙ୍କୁ ମେଳେ । କାନ୍ତ ସଭାବେ କାମଭୋଳେ ॥
ବଞ୍ଛିଲି ଧନେ ଦେଇ ମନ । ଧୀକ୍ ଏ ମୋହର ଜୀବନ ॥
ନିକଟେ ଅଛି ମୋର ଭର୍ତ୍ତା । ସର୍ବ ସଂପଦ ସୁଖଦାତା ॥

ଅନାଥ ନାଥ ଜନ ହିତା । ସୁଗତି ଗତିର ବିଧାତା ॥
ତୁଚ୍ଛ ପୁରୁଷ ସଙ୍ଗେ ରମି । ମୁହିଁ ହୋଇଲି ପଥଶ୍ରମୀ ॥
ଏଦେହେ ବସେ ନାରାୟଣ । ସେ ହରି ଛାଡ଼ି ମୂଢ଼ପଣ ॥
ମର୍ତ୍ତ୍ୟମଣ୍ଡଳେ ଦେହବହି । ଦେବତା ହୋଇଲେ ମରଇ ॥
ଯାବତ ଅଛି ମୋହ ପାଶ । ତାବତ ଜ୍ଞାନ କରେ ନାଶ ॥
ଯାବତ ଗୋବିନ୍ଦ ଚରଣ । ଏ ଜୀବ ନପଶେ ଶରଣ ॥
ଏମନ୍ତେ ମନେ ବିଚାରିଲା । ଆନନ୍ଦେ କରେ ଶିରେ ଦେଲା ॥
ବୋଲଇ ଧନ୍ୟ ଆଜ ଦିନ । ମୋତେ ସନ୍ତୋଷ ଭଗବାନ ॥
କୃଷ୍ଣର ଅଭୟ ଚରଣ । ଆଜି ମୁଁ ପଶିବି ଶରଣ ॥
ବିଷୟ ଯାହାର ଲୋଚନ । ହରଇ ଆତ୍ମ ବୁଦ୍ଧି ଜ୍ଞାନ ॥
ଏମନ୍ତ ମନେମନେ ଚିନ୍ତି । ରଜନୀ ହୋଇଲା ପାହାନ୍ତି ॥
ନିଶ୍ଚଳ ଚିତ୍ତ ଅବଧାନେ । ପିଙ୍ଗଳା ଗଲା ଘୋରବନେ ॥
ଏଣୁ ପିଙ୍ଗଳା ଗୁରୁ ମୋର । ନିରାଶେ ଭ୍ରମଇ ସଂସାର ॥

## (୪) ବଉଳା ଅଧ୍ୟାୟ :

ଆଲୋଚ୍ୟ ଗ୍ରନ୍ଥଟି ଏକଶତ ଚୋୟାଳିଶ ପଦ ବିଶିଷ୍ଟ ଏକ କ୍ଷୁଦ୍ର ରଚନା । ଏହା ଓଡିଶାର ଏକ ଜନପ୍ରିୟ ଗ୍ରନ୍ଥ । ଏହି ଗୀତଟିକୁ ନାଥ ସଂପ୍ରଦାୟର ଯୋଗୀମାନେ କେନ୍ଦରା ବଜାଇ ଗାଇ ଗାଇ ଭିକ୍ଷା ଗ୍ରହଣ କରିଥାନ୍ତି । ଏଥିରେ କିପରି ଜଣେ ଗାଈ ସତ୍ୟରକ୍ଷା କରି ବ୍ୟାଘ୍ର ମୁଖରୁ ରକ୍ଷା ପାଇଥିବା ପ୍ରସଂଗ ବର୍ଣ୍ଣିତ ହୋଇଛି ।

କାହାଣୀ :

କାଞ୍ଚୀଦେଶର ବିରଞ୍ଚିପୁରରେ ଧନେଶ୍ୱର ନାମକ ଏକ ବଣିଆ ପରିବାରସହ ବାସ କରୁଥିଲା । ତା'ର 'ବଉଳା' ନାମରେ ଏକ ଗାଈ ଥିଲା । ଗାଈଟି ପ୍ରତିଦିନ ବନକୁ ଚରିବାକୁ ଯାଏ । କିଛିଦିନ ଭିତରେ ତା'ର ଗୋଟିଏ ପୁତ୍ର ଜନ୍ମ ହେଲା । ପୁଅଟି ତା'ର ଚାରିଦିନର ହେବାପରେ ସେ ବନକୁ ଯାଇଛି । ସେଠାରେ ତା'ର ପୁତ୍ର କଥା ମନେ ପଡ଼ିବାରୁ ସେ ଘରକୁ ଫେରିଛି । ବାଟରେ ତାର ପଥରୋଧ କରିଛି 'ନିପୁଆ' ନାମକ ଏକ ହିଂସ୍ର ବାଘ । ସେ ବଉଳାକୁ କହିଛି- ଚାରିଦିନ ହେଲା କିଛି ନାହିଁ- ତାକୁ ହିଁ ଆଜି ଖାଇବ । ମାତ୍ର ବଉଳା ନିଜର ପୁଅକୁ କ୍ଷୀର ଦେଇ ଆସିବାର ଇଚ୍ଛା ଜଣାଇ ସତ୍ୟ କରିଛି- ସେ ନିଶ୍ଚିତ ଭାବେ ତା' ପାଖକୁ ଆସିବ । ବାଘଟି ଦୟାପରବଶ ହୋଇ ଓ ତା'ର ସତ୍ୟ ପରୀକ୍ଷା କରିବାପାଇଁ ଘରକୁ ଛାଡି ଦେଇ । ଅପେକ୍ଷା କରି ରହିଲା ବଉଳାର ଫେରନ୍ତା ବାଟକୁ ।

ବଉଳା ଘରକୁ ଯାଇ ପୁଅକୁ କ୍ଷୀର ଦେଇଛି । ପୁଅକୁ କ୍ଷୀର ଦେବା ସମୟରେ ପୁଅକୁ ଛାଡି ସେ ଯେ ମରଣ ମୁହଁକୁ ଯାଉଛି, ଏହା ଭାବି ସେ ମନରେ ବହୁତ ଦୁଃଖ କରିଛି । କବି ବଉଳାର ମନର ଭାବକୁ ପ୍ରକାଶ କରିବାକୁ ଯାଇ ଏଠାରେ ଶିଶୁ ପ୍ରତି ମା' ହୃଦୟର କୋମଳ ଭାବନାକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି । ଯାହାକି ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି ।

ମାତାର ସତ୍ୟରକ୍ଷା ପାଇଁ ଦୃଢ଼ ସିଦ୍ଧାନ୍ତକୁ ଲକ୍ଷ୍ୟକରି ତା'ର ପୁତ୍ର ତା' ସହିତ ବନକୁ ଯାଇଛି । ଭଗବାନ ସତ୍ୟରକ୍ଷାକାରିଣୀ ବଉଳାକୁ ରକ୍ଷା କରିବା ପାଇଁ ବାଘର କଣ୍ଠରେ ବିଜେ କରିଛନ୍ତି । ବାଘଟି ବଉଳାର ସତ୍ୟତାରେ ପ୍ରୀତ ହୋଇ ତାକୁ ଘରକୁ ପୁଅ ସହିତ ଫେରିଯିବାକୁ ଉପଦେଶ ଦେଇଛି । ମାତ୍ର ବଉଳା ଅନ୍ନଦାନର ଫଳ ସମ୍ବନ୍ଧୀୟ ଆଉ ଏକ କାହାଣୀ ବାଘକୁ କହିଛି- ଏହି କାହାଣୀଟି ଏକ ବ୍ରତର କାହାଣୀ ପରି ମନେହୁଏ ।

ଶାଖା କାହାଣୀ :

ଅଙ୍ଗ ଦେଶରେ କଳିଙ୍ଗ ପୁରରେ ଏକ 'ବିରେଶ୍ୱର' ନାମରେ ଏକ ବଣିଆ ବାସକରୁଥିଲା । ତା'ର 'ସୁବେଣୀ' ନାମରେ ଗୋଟିଏ ଗାଈ ଥିଲା । ସେ ଗାଈଟି ବନ୍ଧ୍ୟା ବୋଲି ଜଣାପଡିବାରୁ ବିରେଶ୍ୱର ତାକୁ 'ବିଘ୍ନକର' ନାମକ ବ୍ରାହ୍ମଣଙ୍କୁ ଦାନ ସ୍ୱରୂପ ଦେଇଦେଲା । ପରେ ଦରିଦ୍ର ବ୍ରାହ୍ମଣଟି ଅର୍ଥଲୋଭରେ ଗାଈଟିକୁ ଦୁଇଜଣ କଂସେଇକୁ ମାତ୍ର ପାଞ୍ଚ ଟଙ୍କା ବିନିମୟରେ ବିକ୍ରୟ କରିଦେଲା । ଏହା ଦେଖି ଭୟରେ ଗାଈଟି ଖୁବ୍ ବେଗରେ ଧାଇଁ ପଳାଇଗଲା । ଶେଷରେ ସେ ହାଲିଆ [illegible] ହଠାତ ଅନ୍ୟଗ୍ରାମର 'କୁବେର ସାହୁ' ନାମକ ମହାଜନ ଦ୍ୱାରମୁହଁରେ ପଡିଗଲା । ତା' ପଛେ ପଛେ ଗୋଡ଼ାଇଥିବା କଂସେଇଦ୍ୱୟ ହାଲିଆ ହୋଇ କୁବେର ସାହୁ ଘରୁ ଅନ୍ନ ଭୋଜନ କରିଛନ୍ତି । କୁବେର ସାହୁ ଗାଈଟିକୁ ସେମାନଙ୍କୁ ଦେଇଛି । କଂସେଇ ଦ୍ୱୟ ଗାଈଟିକୁ ବଧ କରିଛନ୍ତି । ଫଳରେ କୁବେର ସାହୁ ଗୋହତ୍ୟା ଦୋଷରେ ଦୋଷୀଟିଏ ହୋଇଛି । ତା'ର ବଂଶ କ୍ଷୟ ହୋଇଛି । ତା'ର ସବୁ ସଂପତ୍ତି ଉଭାନ ହୋଇଯାଇଛି । ଶେଷକୁ ସେ ଭିକ୍ଷାବୃତ୍ତିକୁ ଆଦରି ନେଇଛି ।

ତିନିଥର କୁବେର ପ୍ରତ୍ୟହ ଭିକ୍ଷାମାଗି ଯାହା ଆଣେ, ତାହାକୁ ସମାନ ଭାବେ ତିନିଭାଗ କରେ । ସେଥିରୁ ଗୋଟିଏ ଭାଗ ଅତିଥିଙ୍କୁ ଦିଏ, ଅନ୍ୟ ଦୁଇଟି ଭାଗ ସେ ଓ ତା'ର ସ୍ତ୍ରୀ ଭୋଜନ କରନ୍ତି । ସବୁଦିନ ସେ ଏହିପରି କରେ । କଦାପି ସେ ସତ୍ୟ ଭଙ୍ଗ କରେ ନାହିଁ । ଥରେ ସେ ତା'ର ସ୍ତ୍ରୀ କଥାରେ ଶ୍ୱଶୁର ଘରକୁ କିଛି ଧନ ସାହାଯ୍ୟ ଆଶାରେ ଯାଇଛି । ସାଥିରେ ନେଇଛି କିଛି ଖୁଦ । [illegible] ଅନ୍ନଶୌଚ ସାରି ସେଥିରୁ ଚାରିଗୋଟି ମାତ୍ର ଖୁଦ ବତୁରାଇଛି । ତିନି ଖଣ୍ଡ ପତ୍ରଆଣି ବତୁରା ଖୁଦକୁ ତିନିଭାଗ କରି ରଖିଛି । ସେଠାରେ ଅତିଥି ବା କେଉଁଠୁ ମିଳିବେ ? ଭକ୍ତବତ୍ସଳ ଭାବଗ୍ରାହୀ ତା'ର ମନର କଥା ଜାଣିଛନ୍ତି । ସେ ଅତିଥି ବେଶରେ ସେଠାରେ ପହଞ୍ଚିଛନ୍ତି । ତା'ଠାରୁ ସେ ଖୁଦ ଗ୍ରହଣ କରିବାରୁ କୁବେର ସାହୁ ଗୋହତ୍ୟା ଦୋଷରୁ ମୁକ୍ତି ପାଇଛି । ତା'ର ପୂର୍ବର ଧନ, ଜନ ଗୋପଲକ୍ଷ୍ମୀ ସବୁ ଫେରିପାଇଛି । ଏହା ହେଉଛି ଅନ୍ନଦାନର ମାହାତ୍ମ୍ୟ ।

ଶେଷରେ ବାଘଟି ବଉଳାକୁ ଘରକୁ ପେରାଇ ଦେଇ ଶରୀର ତ୍ୟାଗପୂର୍ବକ ବୈକୁଣ୍ଠଗାମୀ ହୋଇଛି ।

ବିଶେଷତ୍ୱ :

(କ) ଏହି ପ୍ରଥମ କାହାଣୀମାଳାର ମୁଖ୍ୟ କାହାଣୀ ସହିତ ଏକ ଶାଖା କାହାଣୀର ଅପୂର୍ବ ସଂଯୋଜନା କରାଯାଇଛି ।

(ଖ) ଏହିରେ ପଶୁଟିଏ କିପରି ସତ୍ୟରକ୍ଷା କରି ହିଂସ୍ର ବ୍ୟାଘ୍ର ମୁହଁକୁ ମରିବାକୁ ଆସିଛି- ତା'ର ଚିତ୍ର ଦିଆଯାଇଛଇ । ଏହା ସହିତ ନିଜର ମୃତ୍ୟୁ ଆସନ୍ନ ଥିବା ଜାଣି ନବଜାତ ପୁତ୍ର ପ୍ରତି ତା'ର ମାତୃତ୍ୱର ବେଦନାକୁ କବି ଅତୀବ କରୁଣ ଭାଷାରେ ରୂପାୟିତ କରିଛନ୍ତି ।

(୩) ଏଥିରେ କବି ସମାଜର ବାସ୍ତବ ଚିତ୍ର ପ୍ରଦାନ ଅବକାଶରେ ଗାଈ- ଗୋମାତାକୁ ବନ୍ଧ୍ୟା ହେବାରୁ ସ୍ୱାର୍ଥାନ୍ୱେଷୀ ମହିମ ଜନୈକ ବ୍ରାହ୍ମଣଙ୍କୁ ଦାନ କରି ଦେଇଛି । ବ୍ରାହ୍ମଣଟି ଦାନର ମୂଲ୍ୟକୁ ବୁଝି ନପାରି ଅର୍ଥଲୋଭରେ ଗାଈଟିକୁ କଂସେଇକୁ ବିକ୍ରିକରି ଦେଇଛି । ସେହିପରି ମୁମୂର୍ଷୁ ଗାଈଟି ପ୍ରତି କୁବେର ସାହୁ ଶରଣାର୍ଥୀ ଭାବେ ସେବା ନକରି ପୁନଶ୍ଚ ନାହିଁ ଦେବା ଆଳରେ କଂସେଇକୁ ଦେଇ ଗୋହତ୍ୟା ଦୋଷରେ ଦୋଷୀ ହୋଇଛି । ଏହିସବୁ ଚିତ୍ର ମଧ୍ୟରେ ସମାଜର ନିଷ୍ଠୁରତାର ପରିଚୟ ବେଶ୍ ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇଛି ।

(୪) ଏଥିରେ ସତ୍ୟର ମାହାତ୍ମ୍ୟ ଓ ଅନ୍ନଦାନର ଫଳ କଥାହିଁ ମୁଖ୍ୟ ପ୍ରସଙ୍ଗ ଭାବେ ବର୍ଣ୍ଣିତ ହୋଇଛି ।

(୫) ଗ୍ରନ୍ଥଟିର ପ୍ରାରମ୍ଭରେ କବି ସତ୍ୟର ମାହାତ୍ମ୍ୟ ବିଷୟରେ ଭଗବାନ ଯୁଧିଷ୍ଠିରଙ୍କୁ ଉପଦେଶ ଦେବା ଛଳରେ ଏହାର କଥାବସ୍ତୁର ଆରମ୍ଭ କରିଛନ୍ତି । ଆରମ୍ଭରେ ଜଗନ୍ନାଥଙ୍କ ବନ୍ଦନା ଗାନ କରାଯାଇଛି ।

## (୬) ମୃଗୁଣୀ ସ୍ତୁତି :

ଆଲୋଚ୍ୟ ଗ୍ରନ୍ଥଟି ଭାଗବତର ମୃଗୁଣୀ ସ୍ତୁତି ଉପାଖ୍ୟାନର ଅନୁସରଣରେ ଲିଖିତ ଏକ ଜନପ୍ରିୟ ରଚନା ।

**କାହାଣୀ:**

ତାରାବତୀ ନାମରେ ଏକ ଗର୍ଭିଣୀ ମୃଗୁଣୀ ତା'ର ଦୁଇଟି ଶିଶୁ ଶାବକ ସହିତ ସୁବାହୁ ବନରେ ଏକଦା ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତଥିଲା । ଏହି ସମୟରେ ସେ ବିରୂପାକ୍ଷ ନାମକ ଜନୈକ ଶବର ଦ୍ୱାରା ବିଛାଯାଇଥିବା ଜାଲର ସମ୍ମୁଖୀନ ହୋଇଛି । ଚତୁପାର୍ଶ୍ୱରେ ଜାଲ, ଅଗ୍ନି, ସ୍ୱୟଂ ଶବର ଓ ଶ୍ୱାନ ଗୋଷ୍ଠୀ ତା'ର ପଥରୋଧ କରିବାର ଦେଖି ସେ ଭୀତତ୍ରସ୍ତ ହୋଇପଡିଛି । ଶେଷରେ ସେ ନିରୁପାୟ ହୋଇ ରକ୍ଷା ପାଇବା ନିମନ୍ତେ ଭଗବାନଙ୍କୁ ଭକ୍ତିର ସହିତ ଆକୁଳିତ ଚିତ୍ତରେ ପ୍ରାର୍ଥନା କରିଛି । ଭଗବାନ ବିପଦଗ୍ରସ୍ତା ଭକ୍ତର ଆକୁଳ ପ୍ରାର୍ଥନା ଶୁଣିଛନ୍ତି । ତାଙ୍କ ଆଦେଶରେ ଇନ୍ଦ୍ର ତତ୍କ୍ଷଣାତ୍ ଘୋର ବର୍ଷା କରିଛନ୍ତି, ପବନ ଅଣଚାଶ ବେଗରେ ପ୍ରବାହିତ ହୋଇଛି । ପ୍ରବଳ ବର୍ଷାରେ ପ୍ରଜ୍ୱଳିତ ଅଗ୍ନି ନିର୍ବାପିତ ହୋଇଛି । ପବନର ତୀବ୍ରଗତିର ତାଡନାରେ ବ୍ୟାଧର ଶ୍ୱାନଗଣ ଇତସ୍ତତଃ ହୋଇଯାଇଛନ୍ତି ।

**ବିଶେଷତ୍ୱ :**

(୧) ଏହାର କାହାଣୀ ସରଳ । ଏଥିରେ ଶୁକ୍‌ପରକ୍ଷିତ ସମ୍ବାଦ ଛଳରେ କଥାବସ୍ତୁର ଆରମ୍ଭ କରାଯାଇଛି ।

(୨) ଏଥିରେ ଭକ୍ତବତ୍ସଳ ଭଗବାନ ଯେତେଦୂରରେ ଥିଲେ ମଧ୍ୟ ଭକ୍ତକୁ ସର୍ବଦା ବିପଦରୁ ଉଦ୍ଧାର କରନ୍ତି ଏଥିରେ ପ୍ରଖ୍ୟାପନ ହୋଇଛି ।

(୩) ଅନ୍ୟ ପ୍ରତି କପଟତା ଆଚରଣ କଲେ- ତାହା ଯେ ଶେଷରେ ଫଳପ୍ରସୂ ହୁଏ ନାହିଁ- ଏହି ବାର୍ତ୍ତା ଏଥିରେ କବି ଜଣେ ସମାଜ ସଚେତନ ଶିଳ୍ପୀଭାବେ ପ୍ରମାଣିତ କରିଛନ୍ତି ।

(୪) ଏହାର ଭାଷା ଓ କାହାଣୀର ପ୍ରବାହ ବେଶ୍ ସରଳ ଓ ସାବଲୀଳ । ଭାଷା ମଧ୍ୟ ସୁବୋଧ । ଏଥିଯୋଗୁଁ ଉଦେ ପଲ୍ଲବଧ୍ୱରେ ଏହା ବିଶେଷ ସହାୟକ ହୋଇଛି ।

୮. କପୋତ

ଏଣୁ ଏ ସଂସାର ସଙ୍ଗତେ । ପୀରତି ନ କରିବ ଚିତ୍ତେ ॥
ଯେବେ ଜଳିବ ମୋହ ପାଶ । କପୋତ ପ୍ରାୟ ଜୀବ ନାଶ ॥
କପୋତୀ ସଙ୍ଗେ ସ୍ନେହଭରେ । ଅରଣ୍ୟେ ଗୃହେ ବାସ କରେ ॥
ସ୍ନେହ ବନ୍ଧନ ସଙ୍ଗ ମେଳେ । ଜାଳ ବଞ୍ଚନ୍ତି କୁତୂହଳେ ॥
ଏମନ୍ତେ କେତେ ଦିନ ଗଲା । କପୋତୀ ଗର୍ଭ ଉପୁଜିଲା ॥
ପୁଣିହିଁ କିଛି ଦିନ ଅନ୍ତେ । ବାଳକ ଫୁଟି ଉପୁଜନ୍ତେ ॥
ପୁତ୍ରଙ୍କ କୋମଳ ବଚନ । ଶୁଣନ୍ତେ ମୁଦ୍ରିତ ଲୋଚନ ॥
ଆହାର ଅର୍ଥେ ଏକ ଦିନେ । ବନେ ପଶିଲେ ବେନିଜନେ ॥
ଖୋଜନ୍ତି କୋମଳ ଆହାର । ଏମନ୍ତେ ଶୁଣ ନୃପବର ॥
ବୃକ୍ଷୁଁ ଉଭରି ଘେନେ ବାଳେ । ବନେ ଚରନ୍ତି ବୃକ୍ଷ ମୂଳେ ॥
ଶବର ଦେଖି ତାହା ବେଗେ । ଜାଲ ପାତିଲା ଚାରି ଦିଗେ ॥
ଆହାର ଦେଇ ଜାଲ ତଳେ । ଅନ୍ତରେ ବସିଲା ନିଶ୍ଚଳେ ॥
ଆହାର ଦେଖିଲେ ନୟନେ । ପଡ଼ିଲେ ଲୁବ୍ଧକ ବନ୍ଧନେ ॥
ଉଡ଼ନ୍ତି ପ୍ରାଣର ବିକଳେ । ନାଦ କରନ୍ତି କୋଳାହଳେ ॥
ଦେଖି କପୋତୀ ଦୁଃଖଚିତ୍ତେ । ଭୂମିରେ ପଡ଼ି ମୋହଗତେ ॥
ବାଳକ ସ୍ନେହ ଭରେ ଆଶେ । ଡେଇଁ ପଡ଼ିଲା ଜାଲ ପାଶେ ॥
ପୁତ୍ରଙ୍କ ମୁଖେ ମୁଖ ଦେଇ । ଦେଖି କପୋତ ବିଚାରଇ ॥
ପ୍ରାଣୁ ଅଧିକ ମୋର ସୁତେ । ପଡ଼ିଲେ ଶବର ଆୟତ୍ତେ ॥
ପତ୍ନୀ ପଡ଼ିଲା ଜାଲ ମଧ୍ୟେ । ପ୍ରାଣ ଧରିବି କେଉଁ ସଧେ ॥
ସକଳ ସୁଖ ମୋରା ଗଲା । ପୁତ୍ର ସଙ୍ଗତେ ପତ୍ନୀ ମଲା ॥
ଜୀବନ ନ ପାରିଲା ଧରି । ଜାଲେ ପଡ଼ଇ ହାହା କରି ॥
କପୋତ କପୋତୀ ବାଳକ । ଘେନି ତା' ଚଳଇ ଲୁବ୍ଧକ ॥
ବେଗେ ମିଳିଲା ନିଜ ଘରେ । ଶୁଣ ରାଜନ ତୋଷ ଭଲେ ॥
ଏ ରୂପେ ସ୍ନେହ ଅବଲମ୍ବୀ । ସଂସାରେ ବନ୍ଦୀ ଯେ କୁଟୁମ୍ବୀ ॥
ଦୁଃଖେ ଦହଇ ଏ ସଂସାରେ । ନିତ୍ୟେ କୁଟୁମ୍ବ ପୋଷିବାରେ ॥
ତୁ ଏବେ ବୁଝି ମୋ ବଚନ । ହେ ରାଜା ସ୍ଥିର କର ମନ ॥
ଦେଖ ମନୁଷ୍ୟ ଦେହ ମୋର । କେବଳ ମୁକତିର ଦ୍ୱାର ॥
ଏ ଦେହ ପାଇ ମହୀତଳେ । ହେଳେ ତରନ୍ତି ଭବଜଳେ ॥
ଦିନ ବଞ୍ଚଇ ଦୁଃଖ ସୁଖେ । ଅନ୍ତେ ପଡ଼ଇ କୁମ୍ଭୀପାକେ ॥
ଏ ଭାବେ ବୁଝିଲି ସଂସାର । ଏଣୁ କପୋତ ଗୁରୁ ମୋର ॥